# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭

*ରେଜିଷ୍ଟ୍ରେସନ ନଂ*.- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org


*ପରିପତ୍ର ସଂଖ୍ୟା* :- ୨୪-୨୦୧୮ ଭୁବନେଶ୍ୱର

*ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,* ୨୨.୧୧.୨୦୧୮

**କ୍ଲର୍କ ରୁ ଅଫିସର ପ୍ରମୋଶନ : -** କମ୍ରେଡ଼ ସଚିନ କୁମାର H/C -II ମହୁରା ଶାଖା ଷ୍ଟେଟ ସିନୀୟରଟୀ ଚାନେଲ ୱେଟ ଲିଷ୍ଟ ଅନୁସାରେ ଅଫିସର ଭାବେ ପ୍ରମୋସନ ପାଇଛନ୍ତି। ଏହା ୦୧-୧୦-୨୦୧୮ ରୁ ଲାଗୁ ହେବ। ତାଙ୍କୁ ସମ୍ବଲପୁର ରିଜିଓନାଲ ଅଫିସ ରେ ରିପୋର୍ଟ କରିବାକୁ କର୍ତ୍ତୃପକ୍ଷ କହିଛନ୍ତି ।

**ସାଥିଙ୍କ ଅବସର : -** ସାଥିଗଣ ଗତ ୩୧-୧୦-୨୦୧୮ ଦିନ ଆମ ବ୍ୟାଙ୍କ କଲେଜ ସ୍କୋଏର-କଟକ ଶାଖାର ସାଥି ବାମଦେବ ମିଶ୍ର ତାଙ୍କ ଚାକିରୀ ଜୀବନରୁ ଅବସର ନେଇଛନ୍ତି। ସେ ଆମ ସଂଗଠନର ଜଣେ ଲଢୁଆ ସାଥି ଭାବେ ବେଶ ପରିଚିତ ଥିଲେ। ଆମ ସଂଗଠନ ତାଙ୍କୁ ଶୁଭେଚ୍ଛା ଜଣେଇବା ସଙ୍ଗେ ସଙ୍ଗେ ତାଙ୍କର ସୁଖୀ ଅବସର କାଳୀନ ଭବିଷ୍ୟତର କାମନା କରୁଛି ।

**ନୂତନ ନିଯୁକ୍ତି : -** ଆମ ରାଜ୍ୟ ପାଇଁ ଗତ IBPS ଦ୍ୱାରା ଚୟନ କରାଯାଇଥିବା 26 ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୫ ଜଣ ପ୍ରାର୍ଥୀ ଆମ ବ୍ୟାଙ୍କରେ ଯୋଗଦେଇଥିଲେ। ଇତି ମଧ୍ୟରେ ଆଉ ଜଣେ ପ୍ରାର୍ଥୀ ଶ୍ରୀ ଅମିତ୍ କୁମାର ମାର୍ଡି ଆମ ବ୍ୟାଙ୍କରେ ଯୋଗଦାନ କରିଛନ୍ତି । ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କିଛି ଦିନ ଅନ୍ତରରେ ଯୋଗଦାନ କରିବାକୁ ଅନୁମତି ମାଗିଥିଲେ । ସେ ଗତ୨୫-୧୦-୨୦୧୮ତାରିଖରେ ସାଉଥ ବଲଣ୍ଡା ଶାଖାରେ ଯୋଗଦାନ କରିଛନ୍ତି । ସେ ମଧ ଆମ ରାଜ୍ୟ ସଙ୍ଗଠନରେ ଉତ୍ସାହ ର ଯୋଗଦାନ କରିଛନ୍ତି । ତାଙ୍କୁ ଆମ ସଂଗଠନ ହାର୍ଦ୍ଦିକ ସ୍ୱାଗତ ଜଣାଉଛି ଏବଂ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ ର କାମନା କରୁଛି ।

**ବାହାର ରାଜ୍ୟରୁ ଓଡିଶା ବଦଳି : -** ନିମ୍ନୋକ୍ତ ସାଥି ବାହାର ରାଜ୍ୟରୁ ବଦଳି ହୋଇ ଆସି ଆମ ରାଜ୍ୟରେ ଯୋଗଦାନ କରିଛନ୍ତି । ସେ ଆମ ସଙ୍ଗଠନରେ ମଧ ଯୋଗଦାନ କରିଛନ୍ତି । ଆମ ସଂଗଠନ ତରଫରୁ ତାଙ୍କୁ ସ୍ୱାଗତ ଜଣାଉଛୁ ।

| କ୍ର ନଂ | ସାଥିଙ୍କ ନାମ | ପଦବୀ | କେଉଁ ଶାଖାରୁ ଆସିଲେ | ଯୋଗଦାନ କରିଥିବା ଶାଖା |
|---|---|---|---|---|
| ୧ | ରାଜେଶ କୁମାର ମହାନ୍ତି | SWO-A | ପ୍ରତାପ ନଗର ଶାଖା,ବରୋଦା | ଶ୍ରୀକୋଣା |

**ଅନୁରୋଧ କ୍ରମେ ବଦଳି : -**ନିଜର ଅନୁରୋଧ କ୍ରମେ,ନିମ୍ନୋକ୍ତ ସାଥିମାନଙ୍କର ବଦଳି ହୋଇଅଛି ।

| କ୍ର ନଂ | ସାଥିଙ୍କ ନାମ | ପଦବୀ | କେଉଁ ଶାଖାରୁ ଆସିଲେ | ଯୋଗଦାନ କରିଥିବା ଶାଖା |
|---|---|---|---|---|
| ୧ | ସାଗର ନାୟକ | H/C-II | ଚନ୍ଦ୍ରଶେଖରପୁର | କଲେଜ ସ୍କୋଏର-କଟକ |
| ୨ | ସୁମନ୍ତ ବେହେରା | H/C-II | ବାଲିଚନ୍ଦ୍ରପୁର | ଚନ୍ଦ୍ରଶେଖରପୁର |

**ହେଡ କ୍ୟାସିୟର ପଦବୀ ପୂରଣ : -** ଆମ ରାଜରେ ଖାଲି ପଡିଥିବା ୩୨ଟି ଶାଖାରେ ହେଡ କ୍ୟାସିୟର ପଦବୀ ପୂରଣ ପାଇଁ କର୍ତ୍ତୃପକ୍ଷ ଦରଖାସ୍ତ ଆହ୍ୱାନ କରିଥିଲେ। ସେଥିମଧ୍ୟରୁ ମାତ୍ର ୧୫ଟି ପଦବୀ ପାଇଁ ଦରଖାସ୍ତ ଆସିଥିଲା। ନିମ୍ନୋକ୍ତ ୧୫ ଜଣ ସାଥିଙ୍କୁ ୨୬.୧୧.୨୦୧୮ ତାରିଖରୁ H/C-II ପଦବୀକୁ ଉନ୍ନୀତ କରାଯାଇଅଛି।

| କ୍ର ନଂ | ସାଥିଙ୍କ ନାମ | ପଦବୀ | ବର୍ତ୍ତମାନ ଥିବା ଶାଖା | H/C-II ଭାବେ ଆଦେଶ ପାଇଥିବା ଶାଖା |
|---|---|---|---|---|
| ୧ | ବଲ୍ଲଭ କୁମାର ବିଶ୍ୱାଳ | | ବଡ଼ବିଲ | ବାଳମୁକୁଳି |
| ୨ | ଅମିତ କୁମାର ସାହୁ | | ଗୋପାଳପୁର | ଗୋପାଳପୁର |
| ୩ | କୀର୍ତ୍ତି ରଞ୍ଜନ ସାହୁ | | ଡୁମୁରିଆ | ଡୁମୁରିଆ |
| ୪ | ସୁରେନ୍ଦ୍ର ସେନାପତି | | କେସୁଦୂରାପାଳ | କେସୁଦୂରାପାଳ |
| ୫ | କପୁରା ହାଂସଦା | | ତୁରଙ୍ଗ | ଜୟନଗର |
| ୬ | ଦୀପକ ବେହେରା | | ଚଡେୟାପଲ୍ଲୀ | ସାଉଥ ବଲଣ୍ଡା |
| ୭ | ମନୋରମା ପାଢୀ | | ଧାମରା | ଧାମରା |
| ୮ | ରମେଶ ଦେହୁରି | | ସାଉଥ ବଲଣ୍ଡା | ତୁରଙ୍ଗ |
| ୯ | ଶିଶିର ଖଟୁଆ | | ଚାଉଳିଆଗଞ୍ଜ –କଟକ | ଜଗତସିଙ୍ଘପୁର |
| ୧୦ | ରବି ଚନ୍ଦ୍ର ଓରାମ | | ଖରିଆର ରୋଡ | ଭୁକ୍ତା |
| ୧୧ | ସତ୍ୟନାରାୟଣ ବ୍ରହ୍ମା | | କଟକ ମୁଖ୍ୟ | ବାଲିଚନ୍ଦ୍ରପୁର |

| | | | | |
|---|---|---|---|---|
| ୧୨ | ଅଭିମନ୍ୟୁ ସୁନା | | ବ୍ରଜରାଜନଗର | ବନ୍ଧବାହାଲ |
| ୧୩ | ସୂରଜ ଦାନ କେରକେଟା | | ଗୁଣପୁର | ଗୁଣୁପୁର |
| ୧୪ | ହରିଶ ଚନ୍ଦ୍ର ସବର | | ଜୁନାଗଡ | ଜୁନାଗଡ |
| ୧୫ | ସିଦ୍ଧେଶ୍ୱରୀ ସାହୁ | | ଭବାନିପାଟଣା | ଭବାନିପାଟଣା |

**ବ୍ୟାଙ୍କ ଶତ ବାର୍ଷିକୀ ଉପଲକ୍ଷେ ଆମ ସଂଗଠନର ଗଣ ସମାବେଶ : -**

ଗତ ୧୧.୧୧.୨୦୧୮ ତାରିଖ ଦିନ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରୀୟ ଫେଡେରେସନ (aiubef) ଦ୍ୱାରା ଆଗତ ଦେଶ ବ୍ୟାପୀ ସାଙ୍ଗଠନିକ କାର୍ଯ୍ୟକ୍ରମ ର ଅଂଶ ବିଶେଷ ଏହି ସଭା ଅନୁଷ୍ଠିତ ହୋଇଯାଇଅଛି । ଆମ ବ୍ୟାଙ୍କ ଏହି ବର୍ଷ ୧୧.୧୧.୨୦୧୮ ତାରିଖ ଦିନ ଶହେ ବର୍ଷରେ ପଦାର୍ପଣ କରିଛି । ବର୍ଷ ଯାକ ଏହି ଉତ୍ସବ ପାଳନ କରିବାକୁ ବ୍ୟାଙ୍କ ନିଷ୍ପତି ନେଇଛି । ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷ କର୍ମଚାରୀଙ୍କ ପାଇଁ କୌଣସି ପ୍ରକାରେ ଆର୍ଥିକ କିମ୍ବା କର୍ମଚାରୀ କଲ୍ୟାଣକାରୀ ପ୍ରୋତ୍ସାହନ ଦେବା ପାଇଁ ଘୋଷଣା କରିନାହାନ୍ତି । କିନ୍ତୁ ଆମ କେନ୍ଦ୍ରୀୟ ଫେଡେରେସନ ଏ ବାବଦରେ ତାର ସ୍ପଷ୍ଟ ଦାବି ରଖିଛି ଯେ ବ୍ୟାଙ୍କର ଶତବାର୍ଷିକୀ ଉପଲକ୍ଷେ କର୍ମଚାରୀଙ୍କ ପାଇଁ କୌଣସି ଉପହାରର ଆବଶ୍ୟକତା ନାହିଁ ବରଂ ଆମ ପାଇଁ ସବୁଠୁ ବଡ ଉପହାର ହେବ ଯଦି ସାରା ଭାରତ ବର୍ଷରେ ଆମ ବ୍ୟାଙ୍କର ଯେତେ ସଂଖ୍ୟାରେ ଅସ୍ଥାୟୀ କର୍ମଚାରୀ ମାନେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଏକ କାଳୀନ ଭିତ୍ତିରେ ସ୍ଥାୟୀ କର୍ମଚାରୀ ଭାବେ ନିଯୁକ୍ତି ଦେବା । ଏହି ଦାବି ଦ୍ୱାରା ଆମ ସଂଗଠନ ଯେ କେବଳ ନିଜ ସଦସ୍ୟ ମାନଙ୍କ ସମସ୍ୟା ସହିତ ଜଡିତ ତାହା ନୁହେଁ ବରଂ ଶହ ଶହ ଦୁଖୀ ଅସ୍ଥାୟୀ କର୍ମଚାରୀଙ୍କ ମୁଖ୍ୟ ମୌଳିକ ସମସ୍ୟା କୁ ନିଜର ପ୍ରମୁଖ ସମସ୍ୟା ଭାବେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରେ ଉପସ୍ଥାପନ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ଏହି ସଭାରେ ବିଭିନ୍ନ ଦୂର ଦୂରାନ୍ତ ଶାଖାରୁ ଆସିଥିବା ସାଥିମାନେ ସେମାଙ୍କ ବକ୍ତବ୍ୟ ରଖିଥିଲେ । ସଂଗଠନ ତରଫରୁ ସାଥି ସଭାପତି ଉପେନ୍ଦ୍ର ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସାଥି ଉପସଭାପତି ପ୍ରଦୀପ ଷଡଙ୍ଗୀ ପ୍ରାଞ୍ଜଳ ଭାବରେ ସଭାର ଉଦେଶ୍ୟ ଓ ବ୍ୟାଙ୍କର ଇତିହାସ ବାବଦରେ ନିଜର ବକ୍ତବ୍ୟ ରଖିଥିଲେ । ସାଥି ସମ୍ପାଦକ ଅଜୟ କୁମାର ମହାନ୍ତି ଅସ୍ଥାୟୀ କର୍ମଚାରୀଙ୍କ ବିଭିନ ସମସ୍ୟାକୁ ସଂଗଠନ କିପରି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପାଖରେ ଯତ୍ନର ସହିତ ତୋଳିଧରୁଛି ତାହା ବ୍ୟାଖ୍ୟା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସାଧରଣ ସମ୍ପାଦକ ସାଥି ସରୋଜ ନାୟକ, ଶହ ସମ୍ପାଦକ ସାଥି ସୁଷମା ଡୋରା,ସାଥି ଶରତ ଚନ୍ଦ୍ର ସେନାପତି,ସାଥି ବଲରାମ ମହନ୍ତ ପ୍ରଭୃତି ନିଜ ନିଜର ବକ୍ତବ୍ୟ ରଖି ଥିଲେ।

**ପାଣ୍ଠି ଦେୟ : -**

ସାଥୀଗଣ ଏହା ଆଗରୁ ବହୁ ଥର ଆପଣ ସମସ୍ତଙ୍କୁ ସାଙ୍ଗଠନିକ କାର୍ଯ୍ୟକ୍ରମ ପାଇଁ ଆପଣ ମାନଙ୍କ ୟୁନିଟର ଦେବାକୁ ଥିବା ଦେୟ ବାବଦରେ ଅବଗତ କରାଯାଇଅଛି । କିନ୍ତୁ ଏ ପର୍ଯ୍ୟନ୍ତ ଅଳ୍ପ କିଛି ୟୁନିଟକୁ ଛାଡି ଦେଲେ ବାକି ୟୁନିଟ ସେମାନଙ୍କ ଦେୟ ପଠାଇ ପାରି ନାହାନ୍ତି ।ଆପଣ ମାନଙ୍କୁ ଅନୁରୋଧ ତୁରନ୍ତ ନିଜ ନିଜର ଦେୟ ପଠାଇବାକୁ ଯତ୍ନବାନ ହେବେ ।

**ଆମ ବ୍ୟାଙ୍କରେ ଥିବା ସରକାରୀ ଅଂଶଧନକୁ କମାଇବାର ଚକ୍ରାନ୍ତ : -**

ଯେଉଁ ଦିନ ଆମ ବ୍ୟାଙ୍କ ଶହେ ବର୍ଷରେ ପଦାର୍ପଣ କଲା ଠିକ୍ ତାହାର ପର ଦିନ ଅର୍ଥାତ ୧୨.୧୧.୨୦୧୮ ତାରିଖ ଦିନ ଆମ ବ୍ୟାଙ୍କର ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଏକ କର୍ମଚାରୀ ବିରୋଧୀ ଓ ସର୍ବପରି ବ୍ୟାଙ୍କ ବିରୋଧୀ ନିଷ୍ପତି ଗ୍ରହଣ କରାଯାଇଛି । ବ୍ୟାଙ୍କ "ଏମ୍ପ୍ଲୋୟୀ ଶେୟାର ପରଚେଜ ସ୍କିମ" ମାଧମରେ ୬୦୦ କୋଟି ଟଙ୍କାର ଅଂଶଧନ (shares) କର୍ମଚାରୀଙ୍କୁ ବଣ୍ଟନ(ବିକ୍ରି) କରିବା କୁ ନିଷ୍ପତି ହୋଇଛି । ଏହା ହେଲେ ଆମ ବ୍ୟାଙ୍କରେ ଥିବା ସରକାରୀ ଅଂଶଧନ ୬୭. ୪୩ % କୁ ଖସି ଆସିବ ଏବଂ କର୍ମଚାରୀ ମାନେ ବ୍ୟାଙ୍କର ଲାଭ ଓ କ୍ଷତି ପାଇଁ ଦାୟୀ ରହିବେ। ଏହା ଏକ ପ୍ରକାର ବ୍ୟାଙ୍କକୁ ଘରୋଇ କରଣ କରିବାକୁ ଚକ୍ରାନ୍ତକାରୀ ପଦକ୍ଷେପ । ଆମ କେନ୍ଦ୍ରୀୟ ଫେଡେରେସନ ର ନିଷ୍ପତି ଅନୁସାରେ ଆମେ ଏହି ଶେୟାର କିଣା ଠାରୁ ସଂପୂର୍ଣ୍ଣ ଦୂରେଇ ରହିବା **ଉଚିତ।** ଅତୀତରେ ମଧ୍ୟ ଆମେ ଏ ପ୍ରକାର ପରିସ୍ଥିତି କୁ ସଠିକ ଭାବେ ମୁକାବିଲା କରି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆମର ଲାଢୁଆ ମନୋବୃତିର ପରିଚୟ ଦେଇଛନ୍ତି । ଏହି ଚକ୍ରାନ୍ତକରି ପଦକ୍ଷେପ ବିରୁଦ୍ଧରେ ନିଜେ ସଠିକ ଭାବେ ଅବଗତ ହେବା ଓ ଅନ୍ୟ ସାଥି ମାନଙ୍କୁ ଜଣାଇବା ଉଦେଶ୍ୟରେ ଆମ ରାଜ୍ୟ ସଂଗଠନ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରିବା ପାଇଁ ନିଷ୍ପତି ଗ୍ରହଣ କରିଛି।

**୧୧ତମ ଦ୍ୱିପାକ୍ଷିକ ରାଜିନାମା : -** ଆସନ୍ତା ୩୦.୧୧.୨୦୧୮ ଦିନ ଆଇ.ବି.ଏ. କର୍ତ୍ତୃପକ୍ଷ ୟୁ.ଏଫ.ବି.ୟୁ. କୁ ମଜୁରି ବୃଦ୍ଧି ରାଜିନାମା ବୈଠକରେ ଯୋଗଦେବା ପାଇଁ ଆହ୍ୱାନ ଜଣାଇଛି ।

ଅଜୟ କୁମାର ମହାନ୍ତି ,
ସାଧାରଣ ସମ୍ପାଦକ